ଭା.କୃ.ଅନୁ.ପ.- ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ, ଭୁବନେଶ୍ୱର

କୋଭିଡ-୧୯ ସଂକ୍ରମଣ ପରିପ୍ରେକ୍ଷୀରେ କୃଷକ ମାନଙ୍କ ପାଇଁ ଜାନୁଆରୀ ମାସର କୃଷି ଉପଦେଶନାମା

୧ . ସ୍ୱାସ୍ଥ୍ୟ ରକ୍ଷା ଯତ୍ନ

- କୃଷି କାର୍ଯ୍ୟ କରୁଥିବା ସମୟରେ ବିଲରେ ଥିବା ସମସ୍ତ କୃଷକ ଭାଇ ମାନଙ୍କ ଭିତରେ ଅତି କମରେ ୧ ରୁ ୨ ମିଟର ସାମାଜିକ ଦୂରତ୍ୱ ରଖିବା ନିତ୍ୟାନ୍ତ ଜରୁରୀ ।
- କୃଷି କାର୍ଯ୍ୟ କରୁଥିବା ସମୟରେ ମୁହଁରେ ନିଶ୍ଚିତ ରୂପରେ ମାସ୍କ ପିନ୍ଧିବା ଜରୁରୀ – ଏମିତିକି ମହିଳା ଚାଷୀ ମାନେ ନିଜ ଓଢଣୀ , ପୁରୁଷ ଭାଇ ମାନେ ଗାମୁଛା, ଟାୱେଲ ତଥା ଅନ୍ୟ ପତଳା ଏବଂ ସଫା କପଡା ତିନି ପରସ୍ତ କରି ନାକ ଓ ପାଟିକୁ ଘୋଡାଇ ରଖିବା ଦରକାର । ଥରେ ବ୍ୟବହାର କରି ସାରିବା ପରେ ମାସ୍କକୁ ସଫା କରିବା ସହିତ ବିଶୋଧନ କରିବା ନିତ୍ୟାନ୍ତ ଜରୁରୀ ।
- ବ୍ୟବହାର ପୂର୍ବରୁ, ବ୍ୟବହାର ସମୟରେ ଏବଂ ପରେ ସମସ୍ତ କୃଷି ଯନ୍ତ୍ରପାତି ଗୁଡିକୁ ୩ ପ୍ରତିଶତ ବ୍ଲିଚିଙ୍ଗ ପାଉଡର ଦ୍ରବଣରେ ୩୦ ମିନିଟ ରଖି ବିଶୋଧନ କରିବା ଦରକାର ।
- କୃଷି କାର୍ଯ୍ୟ କରିବା ବେଳେ ତଥା ଖାଦ୍ୟ ଖାଇବା ପୂର୍ବରୁ ଏବଂ ପରେ ନିଜର ସ୍ୱଚ୍ଛତା ପାଳନ ଯଥା ମଝିରେ ମଝିରେ ହାତଠୁ କହୁଣି ପର୍ଯ୍ୟନ୍ତ, ପାଦ ତଥା ମୁହଁକୁ ସାବୁନରେ ଧୋଇ ସଫା କରିବା ଦରକାର।
- ଆଖି, ମୁହଁ ଏବଂ ନାକକୁ ଅପରିଷ୍କାର ହାତରେ ଛୁଅନ୍ତୁ ନାହିଁ ।
- ଘରେ ପହଞ୍ଚିବା ପରେ ପରିବାରର ସଦସ୍ୟ ମାନଙ୍କ ସହିତ ମିଳାମିଶା କରିବା ପୂର୍ବରୁ ସାବୁନରେ ଗାଧୋଇ ପରିଷ୍କାର ହେବା ଜରୁରୀ ।
- ଚାଷୀଭାଇ ଖାଦ୍ୟ ଖାଇବା ସମୟରେ ସାମାଜିକ ଦୂରତ୍ୱ ବଜାୟ ରଖିବା ଉଚିତ । ନିଜ ନିଜ ଖାଦ୍ୟ ପାନୀୟ ଅନ୍ୟ ମାନଙ୍କ ସହିତ ଆଦାନ ପ୍ରଦାନ କରନ୍ତୁ ନାହିଁ ।
- ଯଥା ସମ୍ଭବ ବାହାରେ ଚଳପ୍ରଚଳ କରିବାରେ ସୀମିତ ରଖି ଘରେ ନିରାପଦରେ ରହିବା ଉଚିତ ।
- କୃଷି ଓ ପଶୁ ଜାତ ଦ୍ରବ୍ୟ ବିକ୍ରି ପାଇଁ ନିକଟସ୍ଥ ହାଟ/ବଜାର ସହିତ ଜାତୀୟ କୃଷି ବଜାରର (e-NAM) ସହାୟତା ନେଇ ପାରିବେ ।
- 'ଆରୋଗ୍ୟ ସେତୁ' ଆପ ମାଧ୍ୟମରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଖବରର ନଜର ରଖନ୍ତୁ ।
- ଚାଷୀ ଭାଇମାନେ ଶୀତ ଋତୁରେ ଥଣ୍ଡା, କାଶ ଓ କଫ ଠାରୁ ଦୂରେଇ ରହିବା ପାଇଁ ଯଥା ସାଧ୍ୟ ଉଦ୍ୟମ କରନ୍ତୁ ।

୨. ଜଳବାୟୁ ସମ୍ପର୍କିତ ସୂଚନା

- ଭାରତୀୟ ପାଣିପାଗ ବିଭାଗ ଦ୍ୱାରା ଜାରି କରାଯାଉଥିବା ବର୍ଷା ଆଗମନ ସୂଚନା ଓ ଅନ୍ୟାନ୍ୟ ପାଗ ବିବରଣୀ ଟିଭି, ରେଡିଓ ଏବଂ ଖବର କାଗଜ ମାଧ୍ୟମରୁ ପ୍ରାପ୍ତ କରନ୍ତୁ ।

୩. ଜଳସେଚନ ଭିତ୍ତିଭୂମି ବିକାଶ ଓ ରକ୍ଷଣାବେକ୍ଷଣ

- ମୌସୁମୀ ପରବର୍ତ୍ତୀ ଫସଲରେ ସଠିକ ଜଳ ପ୍ରୟୋଗ ପାଇଁ ଜଳ ଅମଳ ପ୍ରକଳ୍ପର ବନ୍ଧ ବାଡ ତୁରନ୍ତ ମରାମତି କରନ୍ତୁ ।
- କେନାଲରେ ପ୍ରବାହିତ ହେଉଥିବା ଅତ୍ୟଧିକ ଜଳକୁ ନାଳ କିମ୍ବା ଆଗମନ ପାଇପ ଦ୍ୱାରା ପୋଖରୀରେ କିମ୍ବା ଅନ୍ୟାନ୍ୟ ଜଳ ଅମଳ ପ୍ରକଳ୍ପରେ ଭରି ଦିଅନ୍ତୁ ।
- ନିଷ୍କାସନ ନାଳରୁ ପଙ୍କ ଉଦ୍ଧାର କରି ତାର ନିଷ୍କାସନ କ୍ଷମତା ବଜାୟ ରଖନ୍ତୁ ।
- କୃଷକ ମାନଙ୍କ ପରାମର୍ଶ ଅନୁସାରେ ଫସଲ ଚକ୍ର ଓ ଫସଲର ଜଳ ଅବଶ୍ୟକତାକୁ ଧ୍ୟାନରେ ରଖି ଜଳ ଉପଭୋକ୍ତା ସଂଘ, ରବି ଫସଲ ପାଇଁ କେନାଲର ଜଳ ବିତରଣ ସାରଣୀ ପ୍ରସ୍ତୁତ କରିବା ଆବଶ୍ୟକ, ଯାଦ୍ୱାରା ଜଳ ସମାନ ଭାବରେ କେନାଲର ଉପରମୁଣ୍ଡ, ମଧ୍ୟ ଭାଗ ଓ ନିମ୍ନ ଭାଗରେ ଉପଲବ୍ଧ ହୋଇପାରିବ ।

୪. କ୍ଷେତ୍ର ପରିଚାଳନା

- ଧାନ ନଡାକୁ ଅଣଜଳସେଚିତ ଜମି ପାଇଁ ରବି ଫସଲରେ ମଲଚିଙ୍ଗ ରୂପେ ବ୍ୟବହାର କରନ୍ତୁ ।
- ଧାନ ନଡା କିମ୍ବା ଅନ୍ୟାନ୍ୟ କୃଷିଜାତ ବର୍ଜ୍ୟ ବସ୍ତୁକୁ ନିଆଁରେ ପୋଡନ୍ତୁ ନାହିଁ । ଏହାଦ୍ୱାରା ବାୟୁମଣ୍ଡଳ ପ୍ରଦୂଷିତ ହେବା ସହିତ ମୃତ୍ତିକାର ଜଳୀୟ ଅଂଶ ଓ ଜୈବିକ ପଦାର୍ଥର ମାତ୍ରା କମିଯାଏ ।

- ରବି ଋତୁରେ ବର୍ଜ୍ୟ ଜଳକୁ ସିଧାସଳଖ ଫସଲରେ ପ୍ରୟୋଗ କରନ୍ତୁ ନାହିଁ । ଯଦି ଜଳ ସେଚନ ପାଇଁ ଏହା ଏକ ମାତ୍ର ଉତ୍ସ ହୋଇଥାଏ, ତାହେଲେ ବର୍ଜ୍ୟ ଜଳକୁ ୪୮ ଘଣ୍ଟା ରହିବାକୁ ଦିଅନ୍ତୁ ଏବଂ ଏହାପରେ ଏଥିରେ ୧୦୦୦ ଲିଟର ପ୍ରତି ୪-୫ ଗ୍ରାମ ବ୍ଲିଚିଂ ପାଉଡର ମିଶାଇ ପ୍ରୟୋଗ କରନ୍ତୁ ।
- କ୍ଷେତରୁ ଅନାବନା ଜିନିଷ ସଂଗ୍ରହ କରି ତାକୁ ଗୁହାଳରୁ ବାହାରୁଥିବା ବର୍ଜ୍ୟ ନଡା ସହିତ ମିଶାଇ କମ୍ପୋଷ୍ଟ ଖତ କିମ୍ବା ଜିଆଖତ ପ୍ରସ୍ତୁତ କରନ୍ତୁ ।

୫. ଫସଲ ପରିଚାଳନା

ଧାନ

- ଡେରିରେ ପକାଯାଇଥିବା ଡାଲୁଅ ଧାନ ତଳି ଥଣ୍ଡା ଦ୍ୱାରା କ୍ଷତିଗ୍ରସ୍ତ ହୁଏ । ଯେଉଁଠାରେ ସମ୍ଭବ, ସନ୍ଧ୍ୟାବେଳେ ଧାନ ତଳିରେ ପାଣି ମଡାନ୍ତୁ ଓ ସକାଳ ହେଲେ ସେ ଥଣ୍ଡା ପାଣିକୁ ବାହାର କରି ଦିଅନ୍ତୁ ।
- ଧାନକୁ କେଶର ଉଡାଇବା ସମୟ ଓ ଦାନା ଭରିବା ସମୟରେ ଅତ୍ୟଧିକ ଉତ୍ତାପରୁ ରକ୍ଷା କରିବା ପାଇଁ ଡାଲୁଅ ଧାନକୁ ଜାନୁଆରୀ ମାସ ମଝାମଝି ସୁଧା ରୋଇ ଦିଅନ୍ତୁ ।
- ଡାଲୁଅ ଧାନରେ ସ୍ୱଳ୍ପ ଠିଆ ପାଣି ରଖିବା ଦ୍ୱାରା ଘାସ ଦମନ, ଗଛ ବୃଦ୍ଧି ଓ ଧାନର ମହିଷା ରୋଗ ନିୟନ୍ତ୍ରଣ ହୋଇଥାଏ ।

ଗହମ

- ଗହମ ବୁଣିବାର ୪୦-୫୦ ଦିନ ମଧ୍ୟରେ (ପିଲ ଦେବା ଅବସ୍ଥା) ଦ୍ୱିତୀୟ ଜଳସେଚନ କରନ୍ତୁ ଓ ୭୦-୭୫ ଦିନ ମଧ୍ୟରେ ତୃତୀୟ ଜଳସେଚନ କରନ୍ତୁ ।

ମୁଗ

- ମୁଗ ମଞ୍ଜିକୁ ଥିରାମ କିମ୍ବା ବାଭିଷ୍ଟିନରେ କେଜି ପିଛା ୨.୫ ଗ୍ରାମ ହିସାବରେ ଗୋଳାଇବା ପରେ ରାଇଜୋବିୟମ ଜୀବାଣୁ ସାରରେ ଗୋଳାଇ ଲଗାଇଲେ ଅମଳ ବୃଦ୍ଧି ପାଏ ।
- ଅଧିକ ଅମଳ ପାଇଁ ମୁଗ ଫସଲରେ ୧୫ ଦିନ ଅନ୍ତରାଳରେ ହାଲୁକା ଜଳସେଚନ କରନ୍ତୁ ।

ମିଠା ମକା

- ଅଧିକ ଲାଭ ପାଇଁ ଚାଷୀଭାଇ ମିଠା ମକା କିସମ ସୁଗାର-୭୫, ୯୦ ସେଣ୍ଟିମିଟର ଧାଡିକୁ ଧାଡି ବ୍ୟବଧାନରେ ଏବଂ ୩୦ ସେଣ୍ଟିମିଟର ଗଛକୁ ଗଛ ବ୍ୟବଧାନରେ ଚାଷ କରନ୍ତୁ ।

୫. ଉଦ୍ୟାନ ଫସଲ ପରିଚାଳନା

- ଥଣ୍ଡା ଅଧିକ ପଡିବାରୁ ଏ ବର୍ଷ ଆମ୍ବ ବଉଳ ବାହାରିବା ବିଳମ୍ବ ହେବ । ତେଣୁ ଚାଷୀଭାଇ ୪ ପ୍ରତିଶତ ପୋଟାସିୟମ ନାଇଟ୍ରେଟ ଜାନୁଆରୀ ମାସ ଶେଷବେଳକୁ ସିଞ୍ଚନ କଲେ ଗଛରେ ଶୀଘ୍ର ବଉଳ ଆସିବ । ସିଞ୍ଚନ ସକାଳବେଳା କିମ୍ବା ସନ୍ଧ୍ୟାରେ କଲେ ପତ୍ର ପୋଡା ସମସ୍ୟା ରହିବ ନାହିଁ ।
- ଜାନୁଆରୀ ମାସରେ ଆମ୍ବ ଡାହାଣୀକୁ ନିୟନ୍ତ୍ରଣ କରିବା ପାଇଁ ଇମିଡାକ୍ଲୋପିଡ ୦.୩ ମିଲିଲିଟର ପ୍ରତିଲିଟର ପାଣିରେ ମିଶାଇ ବଉଳ ବାହାରିବା ସମୟରେ ସିଞ୍ଚନ କରନ୍ତୁ । ସେମାନଙ୍କ ସଂଖ୍ୟା ନ କମିଲେ (ଯଦି ଗୋଟିଏ ବଉଳରେ ୫ଟିରୁ ଅଧିକ ଆମ୍ବ ଡାହାଣୀ ଥାଆନ୍ତି), ଥାୟାମେଥୋକଜାମ ପାଣି ଲିଟର ପିଛା ୦.୨ ଗ୍ରାମ କିମ୍ବା ଆସେଫେଟ ପାଣି ଲିଟର ପିଛା ୧.୫ ଗ୍ରାମ ମିଶାଇ ସିଞ୍ଚନ କରନ୍ତୁ ।
- ଆମ୍ବ ବଉଳରୁ କଢ ଫୁଟିବା ସମୟରେ ବଉଳ ମାଛି ଦମନ ପାଇଁ ଡାଇମେଥୋଏଟ ୦.୦୬ ପ୍ରତିଶତ ସିଞ୍ଚନ କରନ୍ତୁ ।
- ଖରାଦିନିଆ ଟମାଟୋ, ବାଇଗଣ ଇତ୍ୟାଦିର ଚାରା ପକାଇବା ଏବଂ ଖରାଦିନିଆ କାକୁଡି ଓ ଝୁଡଙ୍ଗ ଲଗାଇବାର ଏହା ପ୍ରକୃଷ୍ଟ ସମୟ ।
- ସବୁଦିନିଆ ଫଳଗଛ ଯଥା ଆମ୍ବ, ପିଜୁଳି, ନଡିଆ, ଆତ ଓ ବରକୋଳି ଗଛକୁ ଆବଶ୍ୟକ ମୁତାବକ ଖତସାର ପ୍ରୟୋଗ କରନ୍ତୁ ।

୬. ଗୃହପାଳିତ ପଶୁ ଓ ମାଛ ଚାଷ ପରିଚାଳନା

- ମିଶ୍ରିତ ମାଛ ଚାଷରେ (ରୋହି ଜାତୀୟ) କିମ୍ବା କମ ଘନତା ବିଶିଷ୍ଟ ଚିଙ୍ଗୁଡି ଚାଷରେ ପାଣି ବଦଳାନ୍ତୁ ନାହିଁ କିମ୍ବା କମ ପାଣି ବଦଳାନ୍ତୁ ।
- ଏକ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ପାଣିର ଅମ୍ଳତା କମ କରୁଥିବା ଚୂନ ଜାତୀୟ ଲାଇମିଙ୍ଗ ପଦାର୍ଥ ବାରମ୍ବାର ପ୍ରୟୋଗ କଲେ ଜଳର ଗୁଣବତ୍ତା ଅପରିବର୍ତ୍ତିତ ରହେ ।
- ମାଛ ଚାଷରେ ଅତ୍ୟଧିକ ଖାଦ୍ୟ, ସାର କିମ୍ବା ଔଷଧ ପ୍ରୟୋଗ କରନ୍ତୁ ନାହିଁ ।
- କୋଭିଡ ମହାମାରୀ ସମୟରେ ଉପଭୋକ୍ତାଙ୍କ ଚାହିଦାକୁ ଦେଖି ଅଳ୍ପ ଲୋକଙ୍କ ସହାୟତାରେ କମ ପରିମାଣର ମାଛ ଏକାଧିକ ବାର ଅମଳ କରନ୍ତୁ ।
- କୀଟନାଶକ ପ୍ରୟୋଗ କରାଯାଇଥିବା ଜମିକୁ ପଶୁପକ୍ଷୀଙ୍କୁ ଛାଡନ୍ତୁ ନାହିଁ ।
- ଗୋରୁ ଗୁହାଳକୁ ସଫା ସୁତୁରା ରଖନ୍ତୁ, ତଳେ ଚୂନ ପକାନ୍ତୁ ଓ ଚତୁପାର୍ଶ୍ୱରେ ମଶାରୀ ବାନ୍ଧିବା ଦ୍ୱାରା ରୋଗବାହକ ଯଥା ମଶା, ମାଛି, ଟିଙ୍କ ଇତ୍ୟାଦିର ସଂଖ୍ୟା ହ୍ରାସ ପାଏ ।
- ଉପରୋକ୍ତ ରୋଗବାହକଙ୍କ ସଂଖ୍ୟା ହ୍ରାସ ପାଇଁ ୫୦ ପି ପି ଏମ ସାଇପରମେଥ୍ରୀନ କିମ୍ବା ଡେଲଟାମେଥ୍ରୀନ ଦ୍ରବଣରେ ଗୃହପାଳିତ ପଶୁଙ୍କୁ ଗାଧୋଇ ଦିଅନ୍ତୁ କିମ୍ବା ତାଙ୍କ ଉପରେ ସିଞ୍ଚନ କରନ୍ତୁ ।
- ଗୋବର ପରୀକ୍ଷା ଆଧାରରେ ପଶୁମାନଙ୍କୁ କୃମିନାଶକ ଔଷଧ ଖାଇବାକୁ ଦିଅନ୍ତୁ । କାକର ଶୁଖିଗଲେ ପଶୁମାନଙ୍କୁ ଘାସ ଚରିବାକୁ ଛାଡନ୍ତୁ । ପଶୁମାନଙ୍କୁ ନାଳ/ ଖାଲ ଖମାରେ ଗଚ୍ଛିତ ଥିବା ଗୋଳିଆ ପାଣି ପିଇବାକୁ ଦିଅନ୍ତୁ ନାହିଁ ।